# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2nd September – 2025

*********************************

## ମୁଖ୍ୟ ସମ୍ବାଦ

- ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସୁଦୃଢ଼ ସେମିକଣ୍ଡକ୍ଟର ବ୍ୟବସ୍ଥା ସୃଷ୍ଟି ନେଇ ପଦକ୍ଷେପ ଗ୍ରହଣ କରାଯାଉଛି; କହିଲେ ପ୍ରଧାନମନ୍ତ୍ରୀ
- ଓଡ଼ିଶା ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ନବସୃଜନର ପରବର୍ତ୍ତୀ କେନ୍ଦ୍ରଭାବେ ଉଭା ହେବାକୁ ପ୍ରସ୍ତୁତ; କହିଲେ ମୁଖ୍ୟମନ୍ତ୍ରୀ

– ନୂଆଦିଲ୍ଲୀରେ ସେମିକନ୍ ଇଣ୍ଡିଆ ସମ୍ମିଳନୀରେ ଯୋଗଦାନ

- ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଧାଡ଼ିଦର୍ଶନ ଏବଂ ଚନ୍ଦ୍ରଗ୍ରହଣ ନୀତିକାନ୍ତି ନେଇ ଆଲୋଚନା
- ପାଣିପାଗର ଠିକ ଆକଳନ ପାଇଁ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ

ଏବଂ

- ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର; ରାଜ୍ୟର ଚାରୋଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

Desk

# ପିଏମ୍-ସେମିକନ୍ ଇଣ୍ଡିଆ

ଭାରତକୁ ଆତ୍ମନିର୍ଭରଶୀଳ ତଥା ବୈଶ୍ୱିକ ପ୍ରତିଯୋଗିତାରେ ପ୍ରତିଷ୍ଠିତ କରାଇବା ପାଇଁ ଏକ ଦୃଢ଼ ସେମିକଣ୍ଡକ୍ଟର ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଯଶୋଭୂମି ଠାରେ ଆଜି ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ବଜାର ୬୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଆଗାମୀ ବର୍ଷ ଗୁଡ଼ିକରେ ଏହା ୧ ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିବ । ସେମିକଣ୍ଡକ୍ଟର ବଜାରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ଭାବେ ନିଜକୁ ପ୍ରତିପାଦନ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଡିଜାଇନ୍, ଉତ୍ପାଦନ, ପ୍ୟାକେଜିଂ ଏବଂ ଉଚ୍ଚପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକୁ ନିର୍ମାଣ କରିବା ଲକ୍ଷ୍ୟ ନେଇ ଏକ ବ୍ୟାପକ ଇକୋ ସିଷ୍ଟମ୍ ପ୍ରସ୍ତୁତ କରାଯାଉଛି । ସ୍ୱଦେଶୀ ନିର୍ମିତ ଚିପସ୍ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସଶକ୍ତ କରିବା ନେଇ ଭାରତ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-MODI**

Desk

# ସେମିକନ୍ ଇଣ୍ଡିଆ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମିକନ ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ସାହସିକ ନୀତି, ପରବର୍ତ୍ତୀର ପିଢ଼ିର ଭିତ୍ତିଭୂମି ଏବଂ ନିବେଶ ପାଇଁ ପ୍ରସ୍ତୁତି ସୁଯୋଗ ସହ ଓଡ଼ିଶା ସେମିକଣ୍ଡକ୍ଟର ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନର ପରବର୍ତ୍ତୀ ବଡ଼ କେନ୍ଦ୍ର ଭାବରେ ଉଭା ହେବାକୁ ପ୍ରସ୍ତୁତ। କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ଶିଳ୍ପକୁ ମଞ୍ଜୁରୀ ମିଳିଛି। ଆଗାମୀ ଦିନରେ ଭୁବନେଶ୍ୱର ସେମିକଣ୍ଡକ୍ଟର ହବ୍‌ରେ ପରିଣତ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

**- V/O -**

ସମ୍ମିଳନୀରେ କେନ୍ଦ୍ର ସୂଚନା, ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱଦେଶୀ ଜ୍ଞାନକୌଶଳରେ ଓଡ଼ିଶାରେ ପ୍ରସ୍ତୁତ ତିନୋଟି ସେମିକଣ୍ଡକ୍ଟର ଚିପ୍ସ ପ୍ରଦାନ କରିଛନ୍ତି। ଏନ୍.ଆଇ.ଟି. ରାଉରକେଲାର ପ୍ରସ୍ତୁତ ଦୁଇଟି ସେମିକଣ୍ଡକ୍ଟର ଓ ଗଞ୍ଜାସ୍ଥିତ ପାରଳା ମହାରାଜା ଇଞ୍ଜିନିୟର କଲେଜ ଦ୍ୱାରା ଗୋଟିଏ ସେମିକଣ୍ଡକ୍ଟର ପ୍ରସ୍ତୁତ କରାଯାଇଛି। ହାଇପରଫମାନ୍ସ ମଲ୍ଟିପ୍ଲାୟାର **ICC2S0061** ବିକଶିତ କରିବା ପାଇଁ ପାରଳା ମହାରାଜା ଇଞ୍ଜିନିୟର କଲେଜକୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପାଭିଲିୟନର ଉଦ୍‌ଘାଟନ କରିଛନ୍ତି।

Desk

# ଟିଇଟି

ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଟିଇଟିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟ ସରକାର ଏ ସମ୍ପର୍କରେ ବିଚାର ବିମର୍ଶ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ପୂର୍ବରୁ ଶିକ୍ଷକଙ୍କ ପାଇଁ ନିର୍ଦ୍ଦିଷ୍ଟ ପରୀକ୍ଷା ବ୍ୟବସ୍ଥା ନଥିଲା। ବର୍ତ୍ତମାନର ମାର୍ଗଦର୍ଶିକାକୁ ବିଚାର କରି ଶିକ୍ଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇ ବିଭାଗ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ସୂଚନା ଅନୁସାରେ, ଶିକ୍ଷକଙ୍କ ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଟିଇଟି ପରୀକ୍ଷାକୁ ସୁପ୍ରିମକୋର୍ଟ ବାଧ୍ୟତାମୂଳକ କରିଛନ୍ତି ।

Sambalpur

## ଆଇନଶୃଙ୍ଖଳା ପରିସ୍ଥିତି ବୈଠକ

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ସମ୍ବଲପୁର ଗସ୍ତ କରି ଉତ୍ତରାଞ୍ଚଳ ଆଇ.ଜି. ହିମାଂଶୁ ଲାଲଙ୍କ ସହ ସ୍ୱତନ୍ତ୍ର ବୈଠକ କରିଛନ୍ତି। ବୈଠକରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଓ ବଲାଙ୍ଗୀର ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ଉପସ୍ଥିତିରେ ଶ୍ରୀ ମିଶ୍ର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୬ ତାରିଖରେ ସମ୍ବଲପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

Puri (Repeat)

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ନିଳାଦ୍ରୀ ଭକ୍ତ ନିବାସରେ ଜାରି ରହିଛି। ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାଟମଣ୍ଡପରେ ଧାଡ଼ି ଦର୍ଶନ, ଚନ୍ଦ୍ରଗ୍ରହଣ ଅବସରରେ ଠାକୁରଙ୍କର ନୀତି ନିର୍ଘଣ୍ଟ ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ଚାଲିଛି ।

ଆସନ୍ତାକାଲି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ଯକ୍ଷତାରେ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ।

Boudh

## ସୁପ୍ରିମକୋର୍ଟ ବିଧିକ ସଫ୍ଟୱେୟାର

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ 'ସୁପ୍ରିମକୋର୍ଟ ବିଧିକ' ଅନୁବାଦ ସଫ୍ଟୱେୟାର ଏବଂ କୃତ୍ରିମ ବୁଦ୍ଧିମତା ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ଇଂରାଜୀ ରାୟକୁ ଆଞ୍ଚଳିକ ଭାଷାରେ ଅନୁବାଦ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ନିୟମ, ଯୋଗାଯୋଗ ପ୍ରକ୍ରିୟାର ଲାଭ, ହାଇକୋର୍ଟଙ୍କ ଦେୱାନୀ କାର୍ଯ୍ୟବିଧି ନିୟମ, ମଧ୍ୟସ୍ଥତା ନିୟମ-୨୦୦୭ ଉପରେ ସଚେତନ କରାଯାଇଥିଲା। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ଯକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ଯକ୍ଷତାରେ କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ।

Baragarh

## ଆଦି କର୍ମଯୋଗୀ ଅଭିଯାନ

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ତୃଣମୂଳସ୍ତରୀୟ ଜନଜାତି ନେତୃତ୍ୱ କାର୍ଯ୍ୟକ୍ରମ ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲାସ୍ତରୀୟ ଅବଲୋକନ କର୍ମଶାଳା ବରଗଡ଼ ଜିଲ୍ଲାରେ ଅନୁଷ୍ଠିତ ହେଉଛି। ଜିଲ୍ଲାର ୧୫୬ ଜନଜାତି ବହୁଳ ଗ୍ରାମକୁ ଏହି ଅଭିଯାନରେ ସାମିଲ କରାଯାଇଛି। ପ୍ରତ୍ୟେକ ଗ୍ରାମରେ ୨୦ ଜଣିଆ ସଦସ୍ୟ ବିଶିଷ୍ଟ ଟିମ୍ ଗଠନ କରାଯାଇ ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କର କ୍ଷମତା ବିକାଶ କରାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

Nabarangpur

## ବ୍ୟାଗ୍ ଉତ୍ପାଦନ

ନବରଙ୍ଗପୁର ଜିଲ୍ଲା ଉମରକୋଟର ଡଙ୍ଗରୀଗୁଡ଼ାଠାରେ ପରିବେଶ ଅନୁକୂଳ ବ୍ୟାଗ ଉତ୍ପାଦନ ୟୁନିଟ୍‌କୁ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି।

ଏ ସମ୍ପର୍କରେ ନବରଙ୍ଗପୁରରୁ ଆମ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O –**

Kendrapara

## ଜିଲ୍ଲାପାଳ -ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଆଜି ଜିଲ୍ଲାର ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଦର୍ଶନ କରିଛନ୍ତି। ଶ୍ରୀ ଆୟାର ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସହ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ।

Malkangiri

## ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୯ ଆର୍ଥିକ ବର୍ଷ ପାଇଁ ଲକ୍ଷଧାର୍ଯ୍ୟ ଏବଂ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଛି।

Malkangiri

## ତାଲିମ ଶିବିର

ମାଲକାନଗିରି ଜିଲ୍ଲାରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ– ସି.ଆର୍.ସି.ସି. ମାନଙ୍କ ପାଇଁ ତାଲିମ ଶିବିର ଆୟୋଜନ କରାଯାଇଛି। ସମଗ୍ର ଶିକ୍ଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସି.ଆର୍.ସି.ସି.ମାନଙ୍କୁ ଶ୍ରେଣୀ ଗୃହର ତଦାରଖ, ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି ଓ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ।

Ganjam

## ଏଡ୍ସ ସଚେତନତା ଶିବିର

ଗଞ୍ଜାମ ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜ ପରିସରରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

Kalahandi

## ନୂଆଁଖାଇ-କଳାହାଣ୍ଡି

ମାଣିକେଶ୍ୱରୀଙ୍କ ପୀଠ ତଥା କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ଲାଞ୍ଜିଗଡ଼, ମଦନପୁର-ରାମପୁର, ଥୁଆମୂଳ-ରାମପୁର, ଜୟପାଟଣା, କର୍ଲାପାଟ ଆଦି ଗଡ଼ଜାତ ଅଞ୍ଚଳରେ  ଆଜି ତୃତୀୟ ପର୍ଯ୍ୟାୟ ନୂଆଁଖାଇ ପାଳନ କରାଯାଇଛି। ଲଗ୍ନ ଅନୁଯାୟୀ ଆଜି ଦଶମୀ ତିଥିରେ ମାଣିକେଶ୍ୱରୀଙ୍କ ପୀଠରେ ସକାଳ ୮ଟା ୪୫ରୁ ୯ଟା ୫ ମଧ୍ୟରେ ନବାନ୍ନ ଲାଗି ହୋଇଥିଲା। ଏହାପରେ ଦିନ ଗୋଟାଏ ପର୍ଯ୍ୟନ୍ତ ସର୍ବସାଧାରଣ ନବାନ୍ନ ଗ୍ରହଣ କରିଥିଲେ।

Boudh

## ସାଇକେଲ ଶୋଭାଯାତ୍ରା

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଛନ୍ତି। ସହରର ବିଭିନ୍ନ

ସ୍ଥାନ ପରିକ୍ରମା କରିଥିବା ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ ।

Desk

## ଡପଲର ରାଡାର

ପାଣିପାଗର ଠିକ ଆକଳନ ପାଇଁ ଆଗାମୀ ଦିନରେ ଭୁବନେଶ୍ୱରରେ ଡପଲର୍ ରାଡାର ସିଷ୍ଟମ ପ୍ରତିଷ୍ଠା କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏହା ସହ ବାଲେଶ୍ୱର ଏବଂ ସମ୍ବଲପୁରରେ ପ୍ରତିଷ୍ଠା ହୋଇଥିବା ରାଡାର ସିଷ୍ଟମ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

ରାଜ୍ୟରେ ବର୍ଷା ଓ ବନ୍ୟାସ୍ଥିତି ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ତେବେ ବନ୍ୟାସ୍ଥିତି ନିୟନ୍ତ୍ରଣରେ ରହିଛି ।

MET

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ

ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ହୀରାକୁଦ ଜଳଭଣ୍ଡାରର ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି।